The Brāhmī, International Multidisciplinary Research Journal
(Peer Reviewed, Referred & Open Access Journal)
Volume: 02 | Issue: 03 | Sept - Nov, 2025 | ISSN: 3048-9660 (Online) | www.thebrahmi.com

# ଭୀମ ପୃଷ୍ଟିଙ୍କ ଗଳ୍ପ : ଦିଗ ଓ ଦିଗନ୍ତ

**ହରିପ୍ରିୟା ଭୋଇ**
ଗବେଷିକା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପ ସାହିତ୍ୟରେ ଜଣେ ଭିନ୍ନ ଏକ ଯଶସ୍ୱୀ କଥାକାର ଓଡ଼ିଆ ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ଭୀମ ପୃଷ୍ଟି । ତାଙ୍କ ଜନ୍ମ ୧୯୫୯ ମସିହା ଜାନୁଆରୀ ୧୧ ତାରିଖରେ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ଗ୍ରାମରେ । ପିତା ହେଉଛନ୍ତି ନାରାୟଣ ପୃଷ୍ଟି ଓ ମାତା ସାବିତ୍ରୀ ପୃଷ୍ଟି । ତୁଳସୀ ଦୁଇପତ୍ରରୁ ବାସିଲା ପରି ଗାଳ୍ପିକ ଭୀମପୃଷ୍ଟିଙ୍କ ପାଖରେ ବାଲ୍ୟ କାଳରୁ ପ୍ରତିଭା ପ୍ରତିଭାତ ହୋଇଥିଲା । ବହୁ ବାଧାବିଘ୍ନକୁ ସାମ୍ନାକରି ଗାଳ୍ପିକ ନିଜର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଅଭିପ୍ସାକୁ ପୂରଣ କରିଛନ୍ତି । କାରଣ ଜଣେ ସାଧାରଣ ମଣିଷ ଭାବରେ ଜୀବନ ବିତାଇବା ଏବଂ ଜଣେ ସ୍ରଷ୍ଟା ଭାବରେ ଜୀବନ ବିତାଇବା ମଧ୍ୟରେ ଅନେକ ତଫାତ ଥାଏ । ନିଜର ସ୍ଥିତିକୁ ସମାଜ ଆଗରେ ପ୍ରତିଷ୍ଠିତ କରିବା ପାଇଁ ସ୍ରଷ୍ଟା ସବୁ ଦୁଃଖ, କଷ୍ଟ, ଯନ୍ତ୍ରଣା ପାଇଁ ସମର୍ପଣ ଭାବ, ବିଭିନ୍ନ ଚିତ୍ତାକର୍ଷକ ଘଟଣା, ମାନବିକତା ଗୁଣ ହିଁ ଜଣେ ଜଣେ ପ୍ରତିଭାବାନ ସ୍ରଷ୍ଟାଙ୍କୁ ସ୍ମରଣକୁ ଆଣିଥାଏ । ଜଣେ ପ୍ରତିଭାବାନ ସ୍ରଷ୍ଟାର ପାରିବାରିକ ଆନୁକୂଲ୍ୟ ଯେତିକି ଅଭାବି ହେଲେ ମଧ୍ୟ ପରୀକ୍ଷଣ ଓ ପରିସ୍ଥିତିକୁ ମୁକାବିଲା କରି ନିଜର ପ୍ରତିଷ୍ଠାକୁ ସମାଜ ଆଗରେ ପରିଚିତ କରାଇଥାଏ । ସେହିଭଳି ଗାଳ୍ପିକ ହେଉଛନ୍ତି ଭୀମ ପୃଷ୍ଟି । ସେ ପାଠପଢା ସମୟରୁ ଶିଶୁ କବିତା, ପରେ ଗଳ୍ପ ଲେଖା ଆରମ୍ଭ କଲେ । ସେ ଏକାଧାରରେ ଜଣେ କବି, ସମାଲୋଚକ, ଔପନ୍ୟାସିକ, ଗାଳ୍ପିକ, ଶିଶୁ ସାହିତ୍ୟିକ, ପ୍ରଗତିବାଦୀ ଓ ଧରିତ୍ରୀ ସମ୍ବାଦପତ୍ରର ସହସଂପାଦକ । ତାଙ୍କ ଗଳ୍ପ ସାହିତ୍ୟରେ ନୂତନ ଚିନ୍ତାଧାରାର ପ୍ରୟୋଗ କରି ସୁନାମ ଅର୍ଜନ କରିଛନ୍ତି । ଗଭୀର ମାନବବାଦ ଓ ଜୀବନଧର୍ମୀ ଅନୁଚିନ୍ତାର ଆଲେଖ୍ୟ ବହନ କରି ତାଙ୍କ ଗଳ୍ପ ରଚନା ବେଶ ପ୍ରଭାବଶାଳୀ । ତାଙ୍କ ଗଳ୍ପ ସାହିତ୍ୟ ଭିନ୍ନ ଭିନ୍ନ ଜୀବନର ଦିଗକୁ କେନ୍ଦ୍ରକରି ବେଶ ସାହିତ୍ୟ ସୃଷ୍ଟି କରିଛନ୍ତି । ସହରରେ ରହୁଥିବା ଲୋକଙ୍କ ଜୀବନଶୈଳୀ, ଆଦିବାସୀମାନଙ୍କ ଜୀବନ, ସହରତଳେ ରହୁଥିବା ଲୋକଙ୍କ ଜୀବନ, ଅବସ୍ଥାପିତ ରିଫ୍ୟୁଜୀଙ୍କ ଜୀବନ, ବିଜ୍ଞାନ ପରୀକ୍ଷଣର କୁ-ପ୍ରଭାବ, ରାଜନୀତି କଥା ତଥା ଅନ୍ୟାନ୍ୟ ସାମାଜିକ ଓ ସାଂସ୍କୃତିକ ଚେତନାକୁ ନେଇ ଗଳ୍ପ ପୂର୍ଣତା ଲାଭ କରିଛି । ତାଙ୍କର ଲେଖନୀ ଶୈଳୀ, ଭାଷା, ବିଷୟବସ୍ତୁ ସଂଯୋଜନା ଓଡ଼ିଆ ଗଳ୍ପ ସାହିତ୍ୟରେ ଏକ ନୂତନ ଧାରା ସୃଷ୍ଟି କରିଛି ।

ଛୋଟବେଳରୁ ତାଙ୍କୁ ନେଇ ପାରିବାରିକ କଳହର ମାନସିକ ଯନ୍ତ୍ରଣା ପାଇଥିଲେ ମଧ୍ୟ ସେହି ଯନ୍ତ୍ରଣାରୁ ମୁକୁଳିବାକୁ ଯାଇ ଏକା ଏକା ରହିବାକୁ ଭଲପାଉଥିଲେ । ଗୋଟିଏ ସ୍ଥାନରେ ନ ରହି ଏକାଧିକ ସ୍ଥାନ ବୁଲିବାକୁ ଯାଉଥିଲେ । ଭିନ୍ନ ଭିନ୍ନ ତଥା ପ୍ରତ୍ୟେକଦିନ ନୁଆଁ ନୁଆଁ ଲୋକଙ୍କୁ ଭେଟୁଥିଲେ । ସେହି ଲୋକଙ୍କୁ ପଢିବାକୁ ଚେଷ୍ଟା କରୁଥିଲେ । ତାହାର ବାସ୍ତବ ପ୍ରତିଛବି ତାଙ୍କ ସାହିତ୍ୟରେ ପ୍ରସ୍ଫୁଟିତ ହୋଇଛି ।

ତାଙ୍କ ସୃଷ୍ଟିଗୁଡିକ ହେଲା - 'ପ୍ରଥମ ବହି' 'ହେ ମଣିଷ', 'ପେଟ ଓ ପେଟତଳ', 'ଅଧେ ମଣିଷ', 'ଗପର ହାତଗୋଡ', 'ଲଛମନିଆ', 'ମାନନୀୟ ଶ୍ରୀଯୁକ୍ତ', 'ନବକଳେବର' (ଗଳ୍ପ ସଂକଳନ) ।

ସାମ୍ପ୍ରତିକ ସମୟରେ ରାଜନୀତି ସହରରୁ ଗ୍ରାମକୁ ଆଗେଇଲାଣି । ରାଜନୀତିକୁ ଗୋଟେ ପେଶା କରି ଲୋକ ଗୋଡ଼େଇବାକୁ ଲାଗିଲେଣି । ବିନା ପରିଶ୍ରମରେ କେମିତି ପେଟ ପୋଷାଯିବ ସେହି ଚିନ୍ତାକୁ ଆପଣେଇଲାଣି । କେତେକ କୁଜି ନେତାମାନେ ଲୋକଙ୍କୁ ଠକାମିର ମୁଖାପିନ୍ଧି ଅର୍ଥଲୋଭରେ ବେପାର ଆରମ୍ଭ କରୁଛନ୍ତି । ରାଜନୀତି ସମୟରେ ଦଳରେ ଥାଇ କିପରି ଗାଁର ଲୋକଙ୍କୁ ପ୍ରଲୋଭ ଦେଖାନ୍ତି, ତାହାର ଏକ ନମୂନା 'କମନମ୍ୟାନ' ଗଳ୍ପରେ ଦେଖାଇଛନ୍ତି । ଗଳ୍ପରେ ଗାଁରେ ଦଳ ଗୋଷ୍ଠୀ ଅଛନ୍ତି ସେହି ଦଳରେ ଲୋକଙ୍କୁ ମିଶେଇବା ଚେଷ୍ଟିତ । ଦିନେ ଭଉଣୀ ଘରଣୀ ଘରକୁ ଆସି ଶଳା ବୁଝାଉଛି ଭିଣୋଇ କୁ ,"ଭାଇନା ! ଆଜିକାଲି ଗୋଡହାତ ବାନ୍ଧି ଘରେ

ବସିଲେ ହେବନାହିଁ । ମୁଁ ତୁମକୁ ମୋ ଭଉଣୀ ଦେଇଛି । ତୁମେ ମଧ୍ୟ ଛୁଆପିଲାର ସଂସାର ଟେକିଲଣି । ତୁମ ଜେଜେ କଂଗ୍ରେସୀଆ ଲୋକ । ଏ ଘରପାଇଁ କ'ଣ ହେଙ୍ଗୁ କରିଥିଲା । ତୁମ ବାପା କମ୍ୟୁନିଷ୍ଟ ଥିଲେ ନିଜ ଘରକୁ କ'ଣ ଓଲଟାଇ ପକାଇଲେ । ବୁଝିଲା ଭାଇନା ଆଦର୍ଶ, ବିପ୍ଳବ ସବୁ ବର୍ତ୍ତମାନ ପାଇଁ ବାଜେ କଥା । ଏବେ ରାଜନୀତି କରୁଛି ମାନେ ବେପାର କରୁଛି । ଏଇ ଦେଖ କଂଗ୍ରେସ ୧୦ ବର୍ଷ ଶାସନ କଲା ପରେ ପୂରା ବଦନାମ ହୋଇସାରିଛି । ଏବେଠୁ ଦେଖ ବିଜୁ ପଟ୍ଟନାୟକ କେମିତି ମାତିଲାଣି । ଏଥର ଇଲେକ୍ସନରେ ଜନତା ଦଳ ନିଶ୍ଚେ ଆସିବ । ତା'ପରେ କାମ ଯେ କାମ । ଏହି ହେଉଛି ସୁଯୋଗ ଆଜି ତୁମକୁ ଏଠିକା ନେତା ଦାମବାବୁଙ୍କ ସହ ପରିଚୟ କରିଦେବି । ଦାମବାବୁ ଜାଣିବେ ତୁମେ ଜନତାଦଳ ଲୋକ । ଇଲେକ୍ସନ ପରେ ଦେଖିବ, ପାର୍ଟିଠୁ କେତେ କାମ ପାଇବ । ତୁମ ତକଦିର ବଦଳିଯିବ" । (କମନମ୍ୟାନ, ପୃ- ୭୬) ।

ସମତଳ ଅଂଚଳ, ପାହାଡିଆ ଅଂଚଳ, ଆଦିବାସୀ ଅଂଚଳର ସାଧାରଣ ଆଦିବାସୀ ଲୋକ ଭୋଟ କ'ଣ ସ୍ୱାଧୀନତା କ'ଣ ତାଙ୍କୁ ଜଣାନାହିଁ । ତାର ଫାଇଦା ଉଠାଇବା ପାଇଁ, ମଦ ଦେଇ କାମ ତୁଲାଇଥାନ୍ତି । ଏହିପରି ଚିତ୍ର 'ମାନନୀୟ ଶ୍ରୀଯୁକ୍ତ' ଗଳ୍ପରେ ରହିଛି । ଲୋକଙ୍କୁ ନେଇ ରେଳ ରୋକ କରୁଛନ୍ତି ଏକ ଉକ୍ତି ଉଦ୍ଧାର କରିଛି, ""ଯିବ ଦାଦା ! ଖୁଡ଼ିକୁ ବି କୁହ ! ମା' କୁ ବି ନେଇଚାଲ । ଆମ ପାର୍ଟି ତରଫରୁ ରେଳରୋକ ହେବ । ତୁମ ତିନିମୁଣ୍ଡକୁ ମଜୁରୀ ପାଇବ । ଆଉ ତୁମପାଇଁ ବୋତଲ ଅଲଗା !" ( ଦେ ପାଣି ଦେ, ପୃ- ୭୦ )

ସରକାର ହେଉଛନ୍ତି ଲୋକଙ୍କୁ ନେଇ, ଲୋକମାନଙ୍କଦ୍ୱାରା ଲୋକମାନଙ୍କ ପାଇଁ ଯାହା ଆବ୍ରହାମଲିଙ୍କନ କହିଥିଲେ ସାମ୍ପ୍ରତିକ ସମୟରେ ସରକାର ସମସ୍ତଙ୍କୁ ଜାଣୁଛନ୍ତି, କିନ୍ତୁ କେତେକ ଆଦିବାସୀ ଗାଁ, ସମତଳ ଅଂଚଳର ଗାଁ, ପାହାଡିଆ ଅଂଚଳରେ ବାସ କରୁଥିବା ସାଧାରଣ ଆଦିବାସୀ ଲୋକ ସରକାରଙ୍କୁ ଜାଣିପାରୁନାହାନ୍ତି, ଯାହା ଫଳରେ ସରକାର ଓ ଗାଁ ଲୋକଙ୍କ ସହ ସୁସମ୍ପର୍କ ରହିପାରୁନାହିଁ । ଯେତେବେଳ ଇଲେକ୍ସନ ଆସୁଛି ଦଳୀୟ ରାଜନେତା ଓ ଏହିପରି କୁଜିନେତାମାନେ ଗାଁ ଭିତରେ ଦୁର୍ନୀତି କରି ଗାଁ କୁ ଗାଁ ସହ ଅଲଗା କରି ବିଛିନ୍ନ କରିବାରେ ଯେଉଁ ପ୍ରୟାସ ତା'ର ଗୋଟିଏ ଚିତ୍ର 'ଆଜିର ତାରିଖ ଗପ'ରେ ରହିଛି ଯେଉଁଥିରେ ଅକ୍ଷମ ମଣିଷ ଭତ୍ତା ନେବା ପାଇଁ ଯାଇଛନ୍ତି- ଟୁଲୁ ଉପରେ ସେ ଚାରପାସୀ ବୋକାଚେଚୋଦା କରି ପାଉଁକରି ଦେଲା । ପାଉଚ ଚିରି ଗୁଟଖା କଳରେ ଜାକିଲା । କେମିକାଲ ଖୁସବୁ ଚାକୁଲେଇ ଚାକୁଲେଇ ପଚାରିଲା, ହଉ, ଛ' ମାସ ଭତ୍ତା ଠନଠନାଠନ ଛ' ଶହ ଯଦି ଆଜି ଗଣି ନିଅ, କ'ଣ କରିବା ? ଦଶ ପନ୍ଦର ଦିନରେ ନିଶା ପାଣିରେ ଉଡେଇଦେବ, ଆଉ କ'ଣ ? ଆବେ ତମେ ସିନା କୁଜା, କେମ୍ପା, ଅନ୍ଧ । ବି.ପି.ଏଲ. କାର୍ଡ ପାଇଥିବ, ଇନ୍ଦିରା ଆବାସରେ ରହୁଥିବ । ପୁଣି ଅକ୍ଷମ ଭତ୍ତାକ ଲୋଭ ? (ଆଜି ତାରିଖର ଗପ, ଗପର ହାତଗୋଡ଼, ପୃ-୯୫) ।

ତାଙ୍କର ଅନ୍ୟ ଗଳ୍ପ 'ପୃଥିବୀର କେଉଁ କୋଣେ' ଏହି ଗଳ୍ପରେ ଗୋଟିଏ ଝିଅର ଅକାଳ ମୃତ୍ୟୁକୁ ନେଇ ଭୟାବହ ରାଜନୀତି ରୂପ ଦେଖାଦେଇଛି । ଗୋଟିଏ ଗାଁ ର ଝିଅ ଅନ୍ୟ ଗାଁ କୁ ବୋହୂ ହୋଇ ଯାଇଛି । କିଛିଦିନ ପରେ ନିଖୋଜ ହୋଇଛି । ଲାସଟା ମିଳିଛି । ଯେତେବେଳେ ବାପଘର ଗାଁ ଲୋକ ଦେଖିବାକୁ ଯାଇଛନ୍ତି । ଉଭୟ ଗାଁ ମଝି ରାସ୍ତାରେ ରକ୍ତାକ୍ତ । ଏହି ସମୟରେ ଜଣେ ଅଶିକ୍ଷିତ ଲୋକ ଏହାକୁ ରାଜନୀତି ରୂପ ନ ଦେବା ପାଇଁ କହୁଛି । ଗାଳ୍ପିକ କୁହନ୍ତି ""ମୁନ୍ନି ପାଇଁ ବନ୍ଦ ହୋଇଯାଏ ସିନା ପାଞ୍ଚ ନମ୍ବର ଜାତୀୟ ରାଜପଥ, ପୃଥିବୀର କେଉଁ କୋଣେ ଶଙ୍କର ପାଇଁ ଏଡେଇ ହୁଏ ଏମିତି ଗୋଟେ ରକ୍ତପାତ । " (ପୃଥିବୀର କେଉଁ କୋଣେ, ପୃ - ୨୭) ।

ସାମ୍ପ୍ରତିକ ସମୟରେ ସମତଳ ଅଞ୍ଚଳର ଗ୍ରାମବାସୀ ଗରୀବ ଓ ମଧ୍ୟବିତ୍ତୀୟ ଲୋକଙ୍କ ଶିକ୍ଷା କ୍ଷେତ୍ରରେ କେତେ ଭିନ୍ନ ତାକୁ ଆଙ୍କିଛନ୍ତି । 'ଛାତି ଫଟା ଖେଳ' ଗଳ୍ପରେ କବିରାଜି ଜୀବିକାରେ ବଞ୍ଚି ପୁଅକୁ ପାଠ ପଢାଇଲେ, ପୁଅ ମ୍ୟାଟ୍ରିକ୍ୟୁଲେସନରେ ପ୍ରଥମ ଶ୍ରେଣୀରେ ପାସ କଲା । ସମେତ ଗାଁ ଲୋକଙ୍କ କହିବାରୁ ପୁଅ କଟକରେ ପାଠ ପଢିଲା । ବାପା ବହୁ କଷ୍ଟରେ ଚଳି ପାଠଖର୍ଚ୍ଚ ପଠାଉଥିଲେ । କିନ୍ତୁ ପୁଅ ପାଠପଢ଼ାରେ ମନ ନ ଦେଇ ରାଜନୀତି ଶିଖିଲା । ଓଲଟା ନିଜ ବାପାକୁ କହୁଛି - "ଏ ଧନ୍ଦାରେ କ'ଣ ପେଟ ପୂରିବ ! ଗଣ୍ଡା ଗଣ୍ଡା ଏମ.ବି.ବି.ଏସ. ଡାକ୍ତର ବେକାର ହୋଇ ଶହ ଶହ କ୍ଲିନିକ ଖୋଜିଲେଣି । " ( ଛାତିଫଟା ଖେଳ, ପୃ -୧୦୭)

ଗ୍ରାମାଂଚଳରେ ଚାଷୀ ମଣିଷର ସ୍ଥିତିକୁ ନେଇ 'ଠନଠନାଠନ' ଗଳ୍ପ ସୃଷ୍ଟି । ଗଳ୍ପରେ କୃଷକଟିଏ ପାରମ୍ପରିକ ଜୀବନ ଶୈଳୀରେ ବଞ୍ଚେ ।

The Brāhmī, International Multidisciplinary Research Journal
(Peer Reviewed, Referred & Open Access Journal)
Volume: 02 | Issue: 03 | Sept - Nov, 2025 | ISSN: 3048-9660 (Online) | www.thebrahmi.com

ଆର୍ଥିକ ଅସ୍ୱଚ୍ଛଳତା ହିଁ ତା' ଜୀବନର ଦୁଃଖ, ଏହି ଗଳ୍ପରେ କୃଷକର ବହୁ ଧାନବସ୍ତା ତା' ଘରେ ଜାଗା ନଥିବାରୁ ବାହାରେ ଅଛି । ତେଣୁ ଧାନକୁ ବହୁ ପକ୍ଷୀ ଓ ମୂଷା ଖାଇଯିବାର ଦୃଶ୍ୟ ରହିଛି । ଧାନର ରେଟ ବଢାଇବା ନାମରେ ଗାଁ ର କିଛି କୁଜିନେତା ଗାଁ ର କାହାରି ଧାନ ବିକେଇବାକୁ ଭି ଦେଇ ଧାନକୁ ରାସ୍ତା ରୋକ ଆନ୍ଦୋଳନ ଆରମ୍ଭ କରିଦେଇଛନ୍ତି । ଫଳରେ ଧାନ ବିକ୍ରି ହୋଇପାରୁନାହିଁ । ଆର୍ଥିକ ପରିସ୍ଥିତି ଖରାପ ପଡିବାରୁ କୃଷକର ପୁଅଟି ଗୁଜରାଟ ସୂତା ମିଲରେ କାମ କରିବା ପାଇଁ ବାହାରିଛି ।

ଗାଁ ମାନଙ୍କରେ ସାମ୍ପ୍ରତିକ ସମୟରେ ଯୌତୁକ ପ୍ରଥା ରହିଥିବାର ଦେଖାଯାଏ ଏହିପରି ଗୋଟିଏ ଗାଁରେ ଝିଅଟିଏ ବାପା ବିବାହ ସମୟରେ ଯୌତୁକ ଦେଇ ନ ପାରିଲେ ଝିଅଟିକୁ ତା' ଶାଶୂଘର ଲୋକ ନିର୍ଯ୍ୟାତନା ଦେଉଛନ୍ତି, ଯାହା ଏକ ନିନ୍ଦନୀୟ ଅପରାଧ ଏହି ନାରୀ ନିର୍ଯ୍ୟାତନାର ଦୁଃଖ ଯନ୍ତ୍ରଣା ଦ୍ୱନ୍ଦ୍ୱ ହାହାକାର ଅସହାୟତା ଶୂନ୍ୟତା ଦେଖାଇଦିଆଯାଇଛି 'ଭୂମିକମ୍ପ' ଗଳ୍ପରେ। ଏହି ନାରୀର ମାନସିକ ସ୍ଥିତିକୁ ବୁଝି ତା ଠାରୁ ସୁସ୍ଥ ଭବିଷ୍ୟତଟେ ଜନ୍ମନେବା ସମ୍ଭବ ନୁହେଁ ଦିନଥିଲା ଯୌତୁକ ଏକ ପ୍ରଥା ଥିଲା, ଯାହାକୁ ସମାଜ ଗ୍ରହଣ କରୁଥିଲା ଏବଂ ନାରୀଟିଏ ସହିବାକୁ ପ୍ରସ୍ତୁତ ଥିଲା କିନ୍ତୁ ପରେ ଯେତେବେଳେ ଶୋଷଣରେ ପରିଣତ ହେଲା ଆନ୍ଦୋଳନ କରି ପ୍ରତିବାଦ କଲା ଏହି ସମୟରେ ଶିକ୍ଷିତ, ବୁଦ୍ଧିଜୀବୀ ନାରୀ ବୁଝିଲେ ଯେ ନାରୀ କେବଳ ସହିବା ପାଇଁ ଜନ୍ମ ହୋଇନାହିଁ ସମାଜରେ ତା'ର ସ୍ଥାନ ପୁରୁଷ ସହ ସମାନ ହେବା ଦରକାର କାରଣ ସମାଜର ଉନ୍ନତିର ମୂଳସ୍ଥାନ ନାରୀକୁ ବାଦ ଦିଆଯାଇପାରିବ ନାହିଁ । ସ୍ୱ-ଅଧିକାର ପାଇଁ ଆଜି ଭି ଲଢୁଛି ତଥାପି ଗାଁ ଗୁଡିକରେ ଚାଲିଛି ଯୌତୁକ ପାଇଁ ନାରୀ ନିର୍ଯ୍ୟାତନା ।

ଆଉ ଏକ ଦିଗ ତାଙ୍କ ଗଳ୍ପରେ ଦେଖିବାକୁ ମିଳେ ଏନ.ଜି.ଓ. ସଂସ୍ଥା ଓ ଟୁରିଷ୍ଟ ଗାଁ ଗୁଡିକରେ କିପରି ପ୍ରବେଶ କରୁଛନ୍ତି ଏନ.ଜି.ଓ. ବା ବେସରକାରୀ ସଂସ୍ଥା ପୃଥିବୀର ବିଭିନ୍ନ ସ୍ଥାନରୁ ଆସି ଗାଁ ର ଗରିବ, ଅନୁନ୍ନତ ସମ୍ପ୍ରଦାୟ, ହଜିଯାଇଥିବା ସଂଖ୍ୟାଲଘୁ ଉପଜାତି ଗୁଡିକର ସଂସ୍କୃତି, ଚଳଣି, ବ୍ୟବହାର, ଚିନ୍ତାଧାରାକୁ ବଞ୍ଚେଇ ରଖିବାର ପ୍ରୟାସ କରୁଛନ୍ତି ଧନୀ ଉଚ୍ଚଶିକ୍ଷିତ ଲୋକ ନିଜ ପିତାମାତାଙ୍କୁ ଛାଡ଼ି ବାହାରେ ରହୁଛନ୍ତି ବୁଢ଼ାବୁଢ଼ୀଙ୍କ ନିଜ ଘର ଅଛି ପୁଅଝିଅ ଅଛନ୍ତି କାହାପୁଅ ଡାକ୍ତର ଇଂଜିନିୟର, କଣ୍ଟ୍ରାକ୍ଟର କି ,ବ୍ୟବସାୟୀ କିଏ ,ଆସିଛି ବଡ଼ବିଲରୁ, କିଏ ବରପାଲିରୁ ତ କିଏ ଆସ୍କାରୁ କେଉଁ ଝିଅ ତା' ବିପତ୍ନୀକ ବା ପାଠୁ ସମ୍ପତି ଲେଖେଇ ଦାଣ୍ଡକୁ ବିଦା କରିଦେଇଛି କାହା ବୋହୂ ତା' ବିଧବା ଶାଶୁକୁ ଗଞ୍ଜଣା ଦେଇ ହଟେଇ ଦେଇଛି - ଏ ବିଧବା ବୁଢ଼ୀ, ବିପତ୍ନୀକ ବୁଢ଼ାମାନେ କିଏ ଅଭିମାନରେ ଘର ଛାଡି, କିଏ ଘରୁ ତଡାଖାଇ ଫୁଟପାଥରେ ତୋଳା ହୋଇ ଏଠିକି ଆସିଛନ୍ତି (ମସ୍ତିକର ମରାମତି, ପୃ- ୧୫୦) ଜଣେ ଅଜଣା ଟୁରିଷ୍ଟ ଆଲସ୍କି ଆସି ଏମାନଙ୍କ ସହ ମିଶିଛି ଏବଂ କିଛି ତାଙ୍କ ପାଇଁ ଚେକ ଦେଉଥିବାରୁ ଲେଖକ କହୁଛନ୍ତି- "ଏମାନେ ଦାନ ଚାହାନ୍ତି ନାହିଁ, ଚାହାନ୍ତି ଟିକେ ଆଶ୍ୱାସନା, ଆନ୍ତରିକତା, ଏମାନେ ଛାଡ଼ି ଆସିଥିବା ଜୀବନର ଜ୍ୱାଳାମୁଖୀ ଛାତିରେ ଛପେଇ ଏଠି ଅଛନ୍ତି - ନିଜ ଲୋକଙ୍କ ଧୋକ୍କାରେ ଏମାନେ ମୂକ ହୋଇଯାଇଥାନ୍ତି - ତୁମ ପାଇଁ କାମ ହେଇଚି ତୁମେ ପୃଥିବୀର ଯେତେ ଜାଗା ବୁଲିଛ, ପୁରାଣରୁ ଇତିହାସରୁ, ଇଣ୍ଟରନେଟରୁ ମହାକାଶ - ତୁମର ଯେକୌଣସି ବିଷୟରେ ଶୁଣିବାକୁ ଏମାନଙ୍କର ଶୋଷ - ତୁମେ ଯେତେଦିନ ଏଠି ଅଛ - ଏମାନଙ୍କ ପାଇଁ ତୁମେ କିଛି ସମୟ ଦିଅ ଆଲସ୍କି - ଏମାନଙ୍କୁ ତୁମ ଅନୁଭୂତିର କୁହୁକ ଜଗତକୁ ନେଇଯାଅ - ଏମାନେ ଶିଶୁ ଭଳି ତୁମକୁ ଶୁଣିବେ - ତୁମକୁ ଭଲ ପାଇବେ - ତୁମର କ'ଣ ଏ କାମ ପସନ୍ଦ ନୁହେଁ ?" (ମସ୍ତିଷ୍କର ମରାମତି ପୃ- ୧୫୦) ।

ଆଉ ଏକ ଚିତ୍ର" ଟୁରିଷ୍ଟ" ଗଳ୍ପ ଯେଉଁଥିରେ ଟୁରିଷ୍ଟ ଲୋକ ଗାଁ କୁ ଆସି, ସହରତଳି ଲୋକପାଖକୁ ଯାଇ ଶିକ୍ଷା ଉପରେ ଆର୍ଥିକ ସାହାଯ୍ୟ କରୁଛନ୍ତି - ଜଣକା ଜଣକା ବାଣ୍ଟିଥାଏ ଅଠର ଅଠର ଟଙ୍କା ପିଲାମାନେ ଖୁସି କାହିଁକିରେ କ'ଣ ! କେଉଁ ପିଲା କହିଲା ଏଥିରେ ମୁଁ ଗୋଟେ କଲମ କିଣିବି - କିଏ କହିଲା ଚାଓମିନ ଖାଇବି – ଅଠର ଟଙ୍କା ଟଙ୍କାକୁ ନେଇ ପିଲାଙ୍କ ସ୍ୱପ୍ନ ମଝିରେ ଆଲସ୍କି ଛିଡାହୋଇ କହିଲା, ଏହାକୁ କହନ୍ତି ସଞ୍ଚୟ"(ମସ୍ତିଷ୍କର ମରାମତି, ପୃ -୧୪୪)

ଏକବିଂଶ ଶତାବ୍ଦୀରେ ସମତଳ ଅଂଚଳର ଗାଁ ଗୁଡିକର ରୂପରେଖ ବଦଳିବାରେ ଲାଗିଛି - 'ଲଛମନିଆ' ଗଳ୍ପରେ ବଦଳୁଥିବା ଗାଁ ର

ମଣିଷର ଚିନ୍ତାଧାରା ବିଷୟରେ ବର୍ଣ୍ଣନା କରିଛନ୍ତି - ଫକୀର ମୋହନଙ୍କ ସମୟରେ ଗାଁ ଏବଂ ବର୍ତ୍ତମାନର ଗାଁ ମଧ୍ୟରେ କିଭଳି ପାର୍ଥକ୍ୟ ସୃଷ୍ଟି ହୋଇଛି ତାହା ଦର୍ଶାଇଛନ୍ତି - ଲଛମନିଆ' ଭୋକ ମେଣ୍ଟାଇବା ପାଇଁ ବହୁ ଲୋକଙ୍କ ସାହାଯ୍ୟ ପ୍ରାପ୍ତ ଖୋଜିଛି, ସେହି ଶହେ ତିରିଶି ଚାଲିଛି ବର୍ଷର ରେବତୀ, ଚମ୍ପା ପାଖକୁ ଯାଇଛି - ଚମ୍ପା ବଦଳି ନାହିଁ, ବଦଳରେ ଚମ୍ପା ଲଛମନିଆକୁ କହୁଛି - " ହୁଃ ବିପଦ - ମାଗିଖିଆ, ଛତରଖିଆମାନେ ସବୁ ଏମିତି ରାତି ଅଧରେ ହୁଅନ୍ତି ଯଦି ସୁବିଧା ହେବ ତାହେଲେ କାଲି ସକାଳେ ମୋତେ ନାରୀମଙ୍ଗଳ ସମିତି ଅଫିସରେ ଦେଖାକର" (ଲଛମନିଆ, ପୃ-୨୨)

ସାମ୍ପ୍ରତିକ ସମୟରେ ଗାଁର ରୂପ ବଦଳିବାରେ ଲାଗିଛି, ତାକୁ ଉପସ୍ଥାପନ କରି ମନେପକାନ୍ତି 'ଏଇଠି ଛିଡା ହୁଅ' ଗଳ୍ପରେ ଦେଖନ୍ତି -" ଚାଲ, ଦେଖ, ଚିହ୍ନ, ଏ ପୁରୁଣା ଘର - ଏଠି ପାଠ ପଢ଼ିଥିବା ମନେପକାଅ, ସ୍କୁଲ ଚାଲ - ବାଁ ଆଡ଼କୁ ମୋଡ଼, ଚାଲ ଆଗକୁ - ଦେଖ କେତେ ବଡ଼ ପୋଖରୀ, ଦିନେ ପଦ୍ମ ଫୁଟୁଥିଲା - ଏବେ ମାଛ ଚାଷ - ଚାଲ - ଏ ପାଖକୁ ଚାଲ - ବରଗଛ ପାଖ ଚାନ୍ଦିନୀ - ସଙ୍ଗସାଥୀ ବେକାରୀ ଦିନସବୁ - ସନ୍ଧ୍ୟାବେଳେ ଖଟି ମନେଅଛି ?" ( ଏଇଠି ଛିଡା ହୁଅ, ପୃ-୯୫) ।

କେତେକ ଗଳ୍ପରେ ସହରଠାରୁ ଅଳ୍ପ ଦୂରରେ ରେଳ ରାସ୍ତା ପାଖରେ ଅବସ୍ଥିତ ଝୁମ୍ପୁଡି ଗାଁ ବିଷୟରେ ଅବଗତ କରାଗଲାବେଳେ କେତେକ ଗଳ୍ପରେ ସହରତଳି ବସ୍ତି ଉପରେ ରହୁଥିବା ଲୋକଙ୍କ ଜୀବନ ଗୁଡ଼ିକ ତାଙ୍କ ଗଳ୍ପରେ ରୂପ ଦେଇଛନ୍ତି - 'ସମୁଦ୍ରକୁ ମୁହଁ ଶ୍ରୀକ୍ଷେତ୍ରକୁ ପିଠି' ଗଳ୍ପରେ ଈଶ୍ୱର ବଳି ଜଣେ ସହରତଳି ଯୁବକ ସହରର ଧନୀଘର ଝିଅକୁ ପ୍ରେମରେ ଫସେଇ ସମୁଦ୍ର କୂଳରେ ଗୁଣ୍ଡା ଲଗାଇ ଧର୍ଷଣ କରିଛି - ତା'ପରେ ପରିତ୍ୟକ୍ତ ଝିଅକୁ ପ୍ରେମିକ ହିସାବରେ ଇଛା ପୋଷଣ କରିଛି ମନରେ - ଏହି ଦୃଶ୍ୟ ସବୁ 'ଗୋବିନ୍ଦ ଚନ୍ଦ୍ର', 'ସହର ପାକୁଳିରେ ଗାଉଁଲି ଫସଲ', 'ଅଧେ ମଣିଷ', ପ୍ରଭୃତି ଗଳ୍ପ ରେ ଦେଖିବାକୁ ମିଳେ - ଆଉ ଏକ ଗଳ୍ପ 'ମୂଷା' ଯେଉଁଥିରେ ସହରତଳି ଅଞ୍ଚଳରେ ବାସ କରୁଥିବା ଗୋଟେ ପରିବାର ସଦସ୍ୟ ଦଶଜଣ ପାଖାପାଖି କିନ୍ତୁ ରହିବା, ଶୋଇବାକୁ ଜାଗା କମ -ଗୋଟିଏ ବଖରାରେ ସମସ୍ତେ ଶୋଇଛନ୍ତି ରାତିରେ, ଯେଉଁ ଅଭାବର,ଦୁଃଖର ସୀମାକୁ ଦର୍ଶାଇଛନ୍ତି - "ଦୁଃଖର ଫୁଙ୍ଗୁଳା ଛାତି ଉପରେ ମୂଷାଟେ ଚଢ଼ିଗଲାପରେ ତା'ର ନିଦ ଭାଙ୍ଗିଯିବ - ଜିରୋ ପାୱାର ବଲବର ଲାଇଟି ତଳେ ଗୋଟେ ରୁମ ଘରଭଡା ଭର୍ତ୍ତି ଦଶଜଣ ନିଶ୍ୱାସ ପ୍ରଶ୍ୱାସ ଭିତରେ କେଉଁଠି ଟୁକଟୁକ ମୂଷା କାଟି ଖାଉଥିବାର ଆବାଜ , ବାହାରେ ସୁ ସୁ ବର୍ଷ "( ମୂଷା, ପୃ- ୧୫) ।

ଗାଳ୍ପିକ ଗଳ୍ପରେ ବହୁ ଚତୁରତା ସହ ଗଠନକଳା ଓ ଶୈଳୀକୁ ଉପସ୍ଥାପନ କରିଛନ୍ତି - ଭାଷାଶୈଳୀ, ଗଳ୍ପର ପ୍ରା ରମ୍ଭ,ପ୍ରବାହ, ସମାପ୍ତି ଅତି ଚମତ୍କାର - ଭାଷାଶୈଳୀରେ ସାଧାରଣ ପ୍ରଚଳିତ ଭାଷାର ପ୍ରୟୋଗ - "ତା" ପିଉଥାଏ, ଅନ୍ୟମନସ୍କ ଥାଏ - ଅନୁମାନରେ ମୁଁ ଯେପରି ଆଳସ୍କି ଓ ତା'ର ସେହି ଟୋକାର ପିଛା କରୁଥାଏ,ଭାବୁଥାଏ,ହେଇ ସେମାନେ ବିଚରେ ପହଁଚିଲେ - ପାଞ୍ଚ ମିନିଟରେ ସେମାନେ ସମୁଦ୍ର ସାମ୍ନାରୁ ହଟିଆସିବେ - ସେ ପାଖରେ କ୍ରିଷ୍ଣା ରେଷ୍ଟୋରାଂ - ଏ ପାଖରେ ନାଜ ଫାଷ୍ଟଫୁଡ - ସେ ଦୁହେଁ ନାଜ ଭିତରକୁ ଗଳିଯିବେ - ଡ଼ାଇନିଙ୍ଗ ସ୍ପେଶର ସବୁଠୁ କୋଣଠେସା ଟେବୁଲ ପାଖରେ କପୋତ କପୋତୀ ପରି ବସିବେ - ଦି ପ୍ଲେଟ ଚାଓମିନକୁ ପଇଁଚାଳିଶି ମିନିଟରେ ସାରିବେ-" (ମସ୍ତିଷ୍କର ମରାମତି,ପୃ-୧୪୫) ।

ଯେତେବେଳେ ଭାରତ ସ୍ୱାଧୀନତା ଲାଭ କଲା ଭାରତ ଓ ପାକିସ୍ତାନ ଦୁଇ ଭାଗରେ ବିଭକ୍ତ ହୋଇଥିଲା - ଏହି ସମୟରେ ବହୁ ମୁସଲମାନ ଲୋକ ଏବଂ ପାକିସ୍ତାନରେ ବହୁ ହିନ୍ଦୁ ଲୋକ ରହି ଯାଇଥିଲେ - ଉଭୟ ରାଷ୍ଟ୍ର ଘୋଷଣା କରିଥିଲେ ଯେ ଭାରତୀୟମାନେ ପାକିସ୍ତାନରେ ଥିଲେ ଭାରତକୁ ଫେରି ଆସନ୍ତୁ ଏବଂ ପାକିସ୍ତାନ ମୁସଲମାନମାନେ ଭାରତରେ ଥିଲେ ଫେରିଯାନ୍ତୁ - ଏହି ରିଫ୍ୟୁଜୀ କୁ କେନ୍ଦ୍ରକରି ସେ ବହୁ ଗଳ୍ପ ସହିତ ଉପନ୍ୟାସ ମଧ୍ୟ ଲେଖିଛନ୍ତି -'ଜଳଯାତ୍ରା' ଗଳ୍ପରେ ଓଡ଼ିଶାର ବିଭିନ୍ନ ଜାଗାରେ ବାସ କରୁଥିବା ବାଂଲାଦେଶୀ ରିଫ୍ୟୁଜି ମାନଙ୍କର ଆସିବା ସମୟର କଥା କୁହାଯାଇଛି - ଗୋଟିଏ ଜାତି ଯେତେବେଳେ ରିଫ୍ୟୁଜି ହେଉଛି,ସେତେବେଳେ ତା'ର ଅସ୍ତିତ୍ୱ,ପ୍ରାଣ କିପରି ହଜିଯାଉଛି - ପଦ୍ମ ପୋଖରୀ ଗାଁ ର ଲୋକମାନେ ପେଡି ପୁଟୁଳି ଧରି ନଈରେ ଡଙ୍ଗା ଚଢ଼ିବେ ବୋଲି କେବଳ ଖାଦ୍ୟ ଓ ପାଣି ବ୍ୟତୀତ

ସବୁକିଛି ସେଠାରେ ପଡି ରହିଥିଲା ସମୁଦ୍ରରେ ଡଙ୍ଗା ଚାଲିଲାବେଳେ ଥଣ୍ଡା ପାଣି,ପବନ ଯୋଗୁଁ କେତେକ ପିଲା ମରି ଯାଇଥିଲେ, ଯାହାର ଜୀବନ୍ତ ଚିତ୍ର 'ଏଇଠି ଛିଡା ହୁଅ' ଗଳ୍ପରେ ଉପସ୍ଥାପନ କରିଛନ୍ତି ।

ତାଙ୍କ ଗଳ୍ପରେ ବିଭିନ୍ନ ଭୌତିକ ସ୍ଥାନର ଭାଷାକୁ ସ୍ଥାନିତ କରିଛନ୍ତି ,ଯଥା-"ସେଇଠୁ ମୋ ମଝିଆ ଭାଇଟା ମୋତେ ବେ ଭାଷା କରି କହିଥିଲା - ମୁଁ କହିନି, ମୁଁ ଯଦି ତା କରି, ପଇସା ଖର୍ଚ୍ଚ କରି ଆମଦାନି କଲି - ମୋ କଥା ନରହିଲା, ମୁଁ ଆଉ ତୁମ ପାଖରେ ରହିମି ନାହିଁ - ତୁମେ ତୁମ ଧନ୍ଦା କରି ଚଳ - ମୁଁ ଆଣିମି ଖାଇମି, ମୁଁ ମୋ କଥା ଦେଖିମି। "( ଛାତିଫଟା ଖେଳ, ପୃ ୧୦୨) ଗଳ୍ପରେ 'ଲ' ବଦଳରେ 'ନ' ବ୍ୟବହାର କରିଛନ୍ତି ।

**କଥୋପକଥନ ଆଙ୍ଗିକରେ ଗଳ୍ପର ଆରମ୍ଭ ଓ ଶେଷ ମଧ୍ୟ କରିଛନ୍ତି - ଯଥା**

- ତୁମମାନଙ୍କ ଘର କେଉଁଠି ?

- ଆମ ଘର ? ଏ ଯେଉଁ ସାମ୍ନାରେ ଘରଟା ଦେକଚନ ! ଏଇଟା

- ସେଇଟାକି ତୁମର ନିଜଘର ?

- ଭଡ଼ାଘର ( ରିଫ୍ୟୁଜି ମାନେ କ'ଣ, ପୃ ..)

ପ୍ରକୃତରେ ଗାଳ୍ପିକ ଭୀମପୃଷ୍ଟି ୧୯୮୦ ଦଶକରେ ଜଣେ ପ୍ରୟୋଗବାଦୀ ଗାଳ୍ପିକ - ନିଜର ଅନୁଭୂତି, ଶୈଳୀ, ଭାଷା, ସର୍ବୋପରି ନିଜ ପାଖରେ ସତ୍ୟ ଶିଳ ହେବାର ପ୍ରଚେଷ୍ଟା ସମକାଳୀନ ଗଳ୍ପରେ ପରିଣତ କରିଛନ୍ତି - ନିଜସ୍ୱ ଭଙ୍ଗୀରେ, ନିଜସ୍ୱ ସୃଷ୍ଟିରେ ସ୍ୱୟଂ ସମ୍ପୂର୍ଣ - ଶୈଳୀର ପ୍ରୟୋଗରେ ସେ ଥିଲେ ସର୍ବଦା ଅପରମ୍ପରିକ- ଗଳ୍ପରେ ସାଧାରଣ ପ୍ରଚଳିତ ଭାଷାର ପ୍ରୟୋଗ, ଚିତ୍ରକଳ୍ପାତ୍ମକ ଭାଷା ଓ ସାଙ୍କେତିକ ଭାଷାର ପ୍ରୟୋଗ, ପାରମ୍ପରିକ, ଅଣପାରମ୍ପରିକ, ସାଙ୍କେତିକ ଶୈଳୀ ଓ ବର୍ଣନା,ଗଠନରୀତି, ଫ୍ଲାସବ୍ୟାକ ଶୈଳୀରେ ଆରମ୍ଭ, ଫ୍ଲାସ ଫରୱାର୍ଡ଼ ଶୈଳୀରେ ଶେଷ ସଂଯୋଗରେ ନିଜର ମୌଳିକତା ଦେଖାଇଛନ୍ତି ,ଚରିତ୍ର ଓ ବିଷୟବସ୍ତୁ ଚୟନରେ ପ୍ରଚଳିତକୁ ଯୋଡ଼ିଛନ୍ତି ଯାହା ସମସାମୟିକଙ୍କ ଠାରୁ ଅଲଗା କରିଦେଇଛି ।

ଓଡ଼ିଆ କ୍ଷୁଦ୍ରଗଳ୍ପରେ ଫକୀର ମୋହନ ସେନାପତି ନୁଆଁ ଭାବ ଓ ଆଙ୍ଗିକ ଦେଇ ଯୁଗ ପ୍ରବର୍ତ୍ତକ ହୋଇଥିଲେ । କବିତା କ୍ଷେତ୍ରରେ ରାଧାନାଥ ରାୟ, ସେହିପରି ଗାଳ୍ପିକ ପୃଷ୍ଟିଙ୍କ ଗଳ୍ପଗୁଡିକରେ ସେମିତି ଏକ ଆବାହନୀ ରହିଛି, ଲକ୍ଷ୍ୟକଲେ ସାମ୍ପ୍ରତିକ ସମୟରେ ପୃଷ୍ଟି ଆମ ଓଡ଼ିଆ ସାହିତ୍ୟରେ ଆଗଧାଡ଼ିରେ ଅନନ୍ୟ ହୋଇ ଛିଡା ହୁଅନ୍ତି। ଅଜସ୍ର ପାଠକୀୟ ଶ୍ରଦ୍ଧା,ସ୍ୱୀକୃତି,ପୁରସ୍କାର, ସମ୍ମାନ ର ଅଧିକାରୀ ହୋଇଛନ୍ତି - ସେ ଅନେକ ପୁରସ୍କାର ପାଇଥିଲେ ମଧ୍ୟ ୨୦୦୮ ମସିହାରେ 'ସମୁଦ୍ର ମଣିଷ' ଉପନ୍ୟାସ ପାଇଁ ଓଡିଶା ସାହିତ୍ୟ ଏକାଡେମୀ ଏବଂ ୨୦୧୩ ମସିହାରେ 'ଜମ୍ବୁଲୋକ' ଉପନ୍ୟାସ ପାଇଁ ୪୪ତମ ଶାରଳା ପୁରସ୍କାର ଦ୍ୱାରା ପୁରସ୍କୃତ ହୋଇଛନ୍ତି ।

**ସହାୟକ ଗ୍ରନ୍ଥସୂଚୀ**

ପୃଷ୍ଟି, ଭୀମ : ପ୍ରଥମ ବହି, ବତୀଘର, ପ୍ରକାଶନ, ଚଣ୍ଡିଖୋଲ-୨୦୦୧

ପୃଷ୍ଟି, ଭୀମ : ହେ ମଣିଷମାନେ, ଶ୍ରଦ୍ଧା ପ୍ରକାଶନ, ବାଲେଶ୍ୱର- ୨୦୦୧

ପୃଷ୍ଟି, ଭୀମ : ପେଟ ଓ ପେଟତଳ, ସାରସ, ଭଦ୍ରକ -୨୦୦୩

ପୃଷ୍ଟି, ଭୀମ : ଅଧେ ମଣିଷ, ଜଗନ୍ନାଥ ରଥ, କଟକ -୨୦୦୩

ପୃଷ୍ଟି, ଭୀମ : ଗପର ହାତଗୋଡ଼, ପ୍ରଗତି ପ୍ରକାଶନୀ, ଯାଜପୁର -୨୦୦୮

The Brāhmī, International Multidisciplinary Research Journal
(Peer Reviewed, Referred & Open Access Journal)
Volume: 02 | Issue: 03 | Sept - Nov, 2025 | ISSN: 3048-9660 (Online) | www.thebrahmi.com

ପୃଷ୍ଟି, ଭୀମ : ଲଛମନିଆ, ତ୍ରିମସ, ଭୁବନେଶ୍ୱର, -୨୦୦୮
ପୃଷ୍ଟି, ଭୀମ : ମାନନୀୟ ଶ୍ରୀଯୁକ୍ତ, ପ୍ରବାହ, ଯାଜପୁର -୨୦୧୭
ସାମଲ, ପ୍ରଫେସର ବୈଷ୍ଣବ ଚରଣ : ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିବୃତ୍ତ, ପବ୍ଲିଶର୍ସ, ବିନୋଦବିହାରୀ, କଟକ- ୨୦୧୯

*****